# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 11 October– 2026

# ପି.ଏମ-ଧନଧାନ୍ୟ ଯୋଜନା

ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାକୁ ଆଜି ଏକବର୍ଷ ପୂରଣ ହୋଇଛି । ଗତବର୍ଷ ଅକ୍ଟୋବର ମାସ ୧୧ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୧୦୦ଟି ଆକାଂକ୍ଷୀ ଜିଲ୍ଲାରେ କୃଷି କ୍ଷେତ୍ରକୁ ସୁଦୃଢ କରିବା ଲକ୍ଷ୍ୟ ନେଇ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଅନୁଯାୟୀ ଯୋଜନାର ଅବଧିକୁ ଛଅବର୍ଷ ଧାର୍ଯ୍ୟ କରାଯାଇଛି । ଜିଲ୍ଲାସ୍ତରରେ କୃଷି କ୍ଷେତ୍ରର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟ ନେଇ ସମ୍ପୃକ୍ତ ରାଜ୍ୟ, ଘରୋଇ କ୍ଷେତ୍ର, ୧୧ଟି ମନ୍ତ୍ରଣାଳୟ ଓ ବିଭାଗର ୩୬ଟି ଅନ୍ୟ ଯୋଜନାକୁ ସମନ୍ୱିତ କରି ଧନଧାନ୍ୟ କୃଷି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି ।

# ପ୍ରାର୍ଥୀପତ୍ର ପ୍ରତ୍ୟାହାର

ଛାତ୍ର ସଂସଦ ନିର୍ବାଚନରେ ରାଜ୍ୟର ୩୪୭ଟି କଲେଜ ଓ ୧୩ଟି ବିଶ୍ୱବିଦ୍ୟାଳୟ ୬ହଜାର ୬୪୯ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ । ଗତକାଲି ନାମାଙ୍କନପତ୍ର ପ୍ରତ୍ୟାହାର ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି । ଯାଞ୍ଚ ବେଳେ ୧ହଜାର ୨୪୫ ଜଣଙ୍କ ନାମାଙ୍କନ ନାକଚ ହୋଇଥିବାବେଳେ ୪୩୯ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି । ଆସନ୍ତା ୧୫ତାରିଖରେ ଭୋଟ ଗ୍ରହଣ କରାଯିବା ସହ ଗଣତି ଓ ଫଳାଫଳ ପ୍ରକାଶ ପାଇବ ।

# ମୁଖ୍ୟମନ୍ତ୍ରୀ ଅଭିଯୋଗଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଦୃଷ୍ଟିରୁ ଶୁଣାଣି ଶିବିର ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

# ଧର୍ମେନ୍ଦ୍ର ପ୍ରଧାନ-ସମୀକ୍ଷା ବୈଠକ

ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଖଣିଗୁଡିକର ବିଭିନ୍ନ ସାମାଜିକ କାର୍ଯ୍ୟ ନେଇ ଗତକାଲି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମ୍ପାନୀଗୁଡିକ ପକ୍ଷରୁ ବାର୍ଷିକ ସି.ଏସ.ଆର ପାଣ୍ଠି ଉପଯୋଗ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟକ୍ରମ ନେଇ ବିବରଣୀ ଉପସ୍ଥାପନ କରାଯାଇଛି ।

# ଯକ୍ଷ୍ମା ମୁକ୍ତ ଚିହ୍ନଟ

ରାଜ୍ୟର ୧ହଜାର ୪୭୬ଟି ପଞ୍ଚାୟତକୁ ଗତବର୍ଷ ସୁଦ୍ଧା ଯକ୍ଷ୍ମାମୁକ୍ତ ଚିହ୍ନଟ କରାଯାଇଛି । କେନ୍ଦ୍ର ସରକାରଙ୍କ ଜାତୀୟ ଯକ୍ଷ୍ମାମୁକ୍ତ କାର୍ଯ୍ୟକ୍ରମ ଅଧୀନରେ ଏହି ସୂଚନା ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ୩୯୦ଟି ପଞ୍ଚାୟତକୁ ରୌପ୍ୟ ଓ ୧୧୫ଟି ପଞ୍ଚାୟତକୁ ସ୍ୱର୍ଣ୍ଣ ମାନ୍ୟତା ପ୍ରଦାନ କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଶ୍ରଦ୍ଧାଞ୍ଜଳି

ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜିରାଉତଙ୍କ ପୁଣ୍ୟତିଥି ଅବସରରେ ରାଜ୍ୟବାସୀ ସେମାନଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ଏହି ଅବସରରେ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ପୂର୍ବାହ୍ଣରେ ମାଷ୍ଟରକ୍ୟାଣ୍ଟିନସ୍ଥିତ ଜୟପ୍ରକାଶ ନାରାୟଣ ଏବଂ ୟୁନିଟ୍ -୮ସ୍ଥିତ ଡିଏଭି ଛକ ସ୍ଥିତ ଶହୀଦ ବାଜିରାଉତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ଓଡିଶା ବିଧାନସଭାର ଏକ ନମ୍ବର ଗେଟରେ ଥିବା ଶହୀଦ ବାଜିରାଉତଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢୀଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ ଓ ବିଧାୟକ ମାଲ୍ୟାର୍ପଣ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

## ଶେଷ ପର୍ଯ୍ୟାୟ ଗଣେଶ ଭସାଣ

କଟକ ସହରରେ ଆଜି ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ଗଣେଶ ଭସାଣ ଅନୁଷ୍ଠିତ ହେବ । ପ୍ରତିମା ବିସର୍ଜନ ନେଇ ଆବେଦନ କରିଥିବା କ୍ଲବ ଏବଂ କମିଟିଗୁଡିକୁ ପୁଲିସ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି ।

# ଗୁପ୍ତ ଗୁଣ୍ଡିଚା ଯାତ୍ରା

ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉଙ୍କର ଆଜିଠାରୁ ଆଠଦିନ ବ୍ୟାପୀ ଗୁପ୍ତ ଗୁଣ୍ଡିଚା ଯାତ୍ରା ଆରମ୍ଭ ହେବ । ଏଥିରେ ଶ୍ରୀଜଗନ୍ନାଥ ମହାଲକ୍ଷ୍ମୀ ସ୍ୱରୂପା ମା’ ଦୁର୍ଗାଙ୍କୁ ସାଙ୍ଗରେ ଦୋଳମଣ୍ଡମ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିବେ । ଆଶ୍ୱିନ ମାସର ଷୋଳପୂଜା ଅବସରରେ ପ୍ରଥମ ଆଠଦିନ ଠାକୁର ଦୁର୍ଗାମାଧବ ଶ୍ରୀମନ୍ଦିର ପରିସରରେ ଥିବା ମା’ ବିମଳାଙ୍କ ମନ୍ଦିର ଜଗମୋହନରେ ପୂଜା ପାଉଥିବାବେଳେ ଶେଷ ଆଠଦିନ ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିରକୁ ବିଜେ କରିବାର ବିଧି ରହିଛି । ସକାଳ ଧୂପନୀତି ଶେଷହେବା ପରେ ଠାକୁରଙ୍କର ଏହି ଯାତ୍ରା ଅନୁଷ୍ଠିତ ହେବ ।

# ସଚେତନତା ଶିବିର

ଓଡିଶା ରାଜ୍ୟ ଆଇନସେବା ପକ୍ଷରୁ ଭଦ୍ରକ ଜିଲ୍ଲା ଗେଲପୁରଠାରେ ଦିବ୍ୟାଙ୍ଗ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ବିଚାରବିଭାଗୀୟ ଅଧିକାରୀ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ଆଇନ ଏବଂ ନାଲ୍‌ସା ଯୋଜନା ଉପରେ ଆଲୋକପାତ କରିଥିଲେ ।

## ଓଡିଶା ସୂଚନା ସେବା ସଂଘ

ଓଡିଶା ସୂଚନା ସେବା ସଂଘର ବାର୍ଷିକ ଉତ୍ସବ ଗତକାଲି ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଡିଜିଟାଲ ଯୁଗରେ ଜନସମ୍ପର୍କ: ଲୋକସମ୍ପର୍କ ଅଧିକାରୀଙ୍କ ବଦଳୁଥିବା ଦାୟିତ୍ୱ ଆହ୍ୱାନ ଓ ସମ୍ଭାବନା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଓଡିଶା ସୂଚନା ସେବା ବର୍ଗର କର୍ମକର୍ତ୍ତା ଯୋଗଦେଇ ମତ ବିନିମୟ କରିଥିଲେ ।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଲିଙ୍ଗଗତ ସମାନତା ଏବଂ କନ୍ୟା ସନ୍ତାନକୁ ସମାନ ସୁଯୋଗ ଦେବା ନେଇ ଆଜି ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ କରାଯାଉଛି । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ଶିକାର ନ ହେବାପାଇଁ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି । ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି"**ବାଲ୍ୟ ବିବାହ ବନ୍ଦ କରିବା ଏବଂ କନ୍ୟା ସନ୍ତାନଙ୍କୁ ସହଯୋଗ ପ୍ରଦାନ କରିବା ।**' ୨୦୧୨ ମସିହାଠାରୁ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଉଛି ।

# ରଣଜୀ ଟ୍ରଫି

ଓଡିଶା-ଗୁଜରାଟ ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହେଉଛି । ଅହମ୍ମଦାବାଦ ନରେନ୍ଦ୍ର ମୋଦୀ ଷ୍ଟାଡିୟମଠାରେ ପ୍ରଥମ ଶ୍ରେଣୀ ଘରୋଇ ଟୁର୍ଣ୍ଣାମେଣ୍ଟର ଏହି ମ୍ୟାଚ  ଆଜି ଖେଳାଯିବ ।

# ପାଣିପାଗ

ଥାଇଲାଣ୍ଡ ଉପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଜି ଆଣ୍ଡାମାନ ସାଗର ଅଞ୍ଚଳରେ ପହଞ୍ଚିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ୧୩ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।